ପ୍ରେସ୍ ନୋଟ୍

**ଅନୁଗୋଳର ନୂତନ ଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କଲେ**

**ଯୁବ ଆଇ.ଏ.ଏସ୍ ଅଫିସର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ**

**ଲୋକମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୋଜନା କାର୍ଯ୍ୟକାରୀ ହେବ ।**

ଅନୁଗୋଳ,ତା. ୧୪.୯:- ଅନୁଗୋଳର ନୂତନ ଜିଲ୍ଲାପାଳ ଭାବେ ଆଜି ୨୦୧୪ ବ୍ୟାଚ୍‌ର ଯୁବ ଆଇ.ଏ.ଏସ୍ ଅଫିସର ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଅନୁଗୋଳର ୨୦ ତମ ଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଜିଲ୍ଲାରେ ଲୋକ ମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କ ସହ ଆଲୋଚନା କରି ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ,ଏହାର ସଫଳ ରୂପାୟନ ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସେ ଆହ୍ୱାନ କରିଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ କୋଭିଡ ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ପଜିଟିଭ୍ ସଂଖ୍ୟା କିପରି ହ୍ରାସ ପାଇବ ସେଥିପାଇଁ ବିଶେଷ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି । ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ସର୍କିଟ ହାଉସ୍ ଠାରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପରେ ଜିଲ୍ଲାପାଳ ବିଦାୟୀ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଠାରୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ସେମାନଙ୍କର ଦାୟିତ୍ୱ ଓ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ଜିଲ୍ଲାପାଳ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିବା ସହ ପଜିଟିଭ୍ ରୋଗୀ ମାନଙ୍କୁ ଚିକିତ୍ସା ଓ କୋଭିଡ ପରୀକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । କୋଭିଡର ତଥ୍ୟ ନିୟମିତ ଆଦାନ ପ୍ରଦାନ କରିବା ସହ କୋଭିଡ ପରୀକ୍ଷା ହାରକୁ ବୃଦ୍ଧି କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରମର୍ଶ ଦେଇଛନ୍ତି । କୋଭିଡ ପରିଚାଳନାରେ ପଜିଟିଭ୍ ମାନଙ୍କୁ କୋଭିଡ ହସ୍‌ପିଟାଲକୁ ସ୍ଥାନାନ୍ତର କରିବା ସହ ରାପିଡ୍ ରେସପନ୍ସ ଟିମ୍‌କୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଛନ୍ତି । ଆମ୍ବୁଲାନ୍ସ ଗାଡିର ସଠିକ ପରିଚାଳନା ଓ ଆକ୍ରାନ୍ତ ମାନଙ୍କ ସହ ଯୋଗାଯୋଗ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । କୋଭିଡ ପରିଚାଳନାକୁ ନେଇ ସଚେତନତା ସୃଷ୍ଟି ନିମନ୍ତେ ସ୍ୱେଚ୍ଛାସେବୀ ମାନଙ୍କୁ "କୋଭିଡ ବନ୍ଧୁ" ଭାବେ ନିୟୋଜିତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଗାଁ ଗହଳିରେ ଲୋକମାନଙ୍କୁ ମାସ୍କ ପିନ୍ଧିବା ପାଇଁ ସଚେତନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଗରିବ ଓ ଅସହାୟ ଲୋକମାନଙ୍କ ପାଇଁ ଦୟାର ପ୍ରାଚୀର ସୃଷ୍ଟି କରି ଖ୍ୟାତି ଅର୍ଜନ କରିଥିବା ନୂତନ ଜିଲ୍ଲାପାଳ ଏହା ପୂର୍ବରୁ ବ୍ରହ୍ମପୁରର ଉପ-ଜିଲ୍ଲାପାଳ

ଓ ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିବା ସହ ଅନେକ ଜନକଲ୍ୟାଣ କାରୀ କାର୍ଯ୍ୟକ୍ରମରେ ତାଙ୍କର ସକ୍ରିୟ ସହଯୋଗ ରହିଛି । ଅପରାହ୍ନରେ ସର୍କିଟ ହାଉସଠାରେ ବିଦାୟୀ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦାୟୀ ଜିଲ୍ଲାପାଳ ତାଙ୍କର ୧ବର୍ଷ ୭ ମାସ ରହଣୀ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳତାର ଶ୍ରେୟ ବିଭାଗୀୟ ଅଧିକାରୀମାନଙ୍କୁ ଦେଇ ଥିଲେ । ନୂତନ ଜିଲ୍ଲାପାଳ ବିଦାୟୀ ଜିଲ୍ଲାପାଳଙ୍କୁ ଜଣେ ଦକ୍ଷ ପ୍ରଶାସକ ଭାବେ ଅଭିହିତ କରିବା ସହ କୋଭିଡ ପରିଚାଳନାରେ ତାଙ୍କର ଦକ୍ଷତାକୁ ପ୍ରଶଂସା କରିଥିଲେ । ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ଆମ ସମସ୍ତଙ୍କ ପାଇଁ ଏକ ବଡ ଆହ୍ୱାନ ବୋଲି ସେ ପ୍ରକାଶ କରିଥିଲେ । ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ଜିଲ୍ଲାପାଳଙ୍କୁ ଜଣେ ଭଦ୍ର,ନମ୍ର ଓ ଥଣ୍ଡା ମିଜାଜର ବ୍ୟକ୍ତିତ୍ୱ ଭାବେ ଅଭିହିତ କରିବା ସହ ଗତ ନିର୍ବାଚନ ଓ କୋଭିଡ ପରିଚାଳନାରେ ତାଙ୍କର ଦକ୍ଷତାକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ଜିଲ୍ଲା ପ୍ରଶାସନ ତରଫରୁ ନୂତନ ଜିଲ୍ଲାପାଳ ଓ ବିଦାୟୀ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ବିଦାୟୀ ଜିଲ୍ଲାପାଳଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ବଦଳି ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟଭାର ଗ୍ରହଣ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଡି ଏଫ ଓ (ସାତକୋଶିଆ) ରାମାସ୍ୱାମୀ ପି , ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ରଜନୀ କାନ୍ତ ସ୍ୱାଇଁ,ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଲଳିତ ମୋହନ ବେହେରା, ପାଲଲହଡା ଉପଜିଲ୍ଲାପାଳ ଶ୍ରୀ ଅଜିତ୍ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ , ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍ଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. 597 ତା୧୪.୦୯.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

(signature) 14/9/20

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ଓଡ଼ିଶା ସରକାର
सत्यमेव जयते
ओड़िशा शासन







